## ଭାଗଚାଷୀ ଆଇନ୍ ନେଇ ଦ୍ୱନ୍ଦ୍ୱରେ ରାଜ୍ୟ ସରକାର

# ବିସ୍ଫୋରକ ପରିସ୍ଥିତି ଆଶଙ୍କା

**ଅର୍ଦ୍ଧେନ୍ଦୁ ଶେଖର, ଭୁବନେଶ୍ୱର, ୧୪।୫:**

ଭାଗଚାଷୀ ଆଇନ୍ ନେଇ ରାଜ୍ୟ ସରକାର ପୁଣି ଥରେ ଦ୍ୱନ୍ଦ୍ୱରେ ରହିଛନ୍ତି । ଏନେଇ ଗଠିତ ମନ୍ତ୍ରୀସ୍ତରୀୟ କମିଟିରେ କୌଣସି ନିଷ୍ପତ୍ତି ହୋଇପାରି ନଥିବା ବେଳେ ଭାଗଚାଷୀ ଆଇନ୍ ନେଇ ଗଠିତ ସବ୍‌କମିଟି ବୈଠକରେ ମଧ୍ୟ ଏଯାଏ କୌଣସି ନିଷ୍କର୍ଷ ବାହାରି ପାରି ନାହିଁ । ଏପରିକି ଖୋଦ୍ ରାଜସ୍ୱ ମନ୍ତ୍ରୀ ମହେଶ୍ୱର ମହାନ୍ତି ମଧ୍ୟ ଏଭଳି ସ୍ପର୍ଶକାତର ବିଷୟକୁ ନେଇ ମାପିଚୁପି ପ୍ରତିକ୍ରିୟା ଦେଇଛନ୍ତି । ବିଭାଗୀୟ ସଫଳତାକୁ ନେଇ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ ଏହାକୁ ଏକ ସମ୍ବେଦନଶୀଳ ବିଷୟ ବୋଲି କହିଛନ୍ତି । ନୂଆ ଆଇନ୍‌ରେ ଉଭୟ ଜମି ମାଲିକ ଓ ଭାଗଚାଷୀଙ୍କୁ ସନ୍ତୁଷ୍ଟ କରାନଗଲେ ପରିସ୍ଥିତି ବିସ୍ଫୋରକ ରୂପ ନେବ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି । ଏହାସହିତ ସେ କହିଛନ୍ତି ଯେ ଜମିଗୁଡ଼ିକୁ ଜବରଦଖଲମୁକ୍ତ କରାଯିବା ନେଇ ନିୟମ ମଧ୍ୟ ଏପର୍ଯ୍ୟନ୍ତ ଲାଗୁ କରାଯାଇପାରି ନାହିଁ । ଏନେଇ ଜିଲ୍ଲାପାଳମାନଙ୍କୁ ମୌଖିକ ଭାବରେ ନିର୍ଦ୍ଦେଶ ଦିଆଯାଇଥିଲେ ସୁଦ୍ଧା ଏହାର ସଠିକ୍ ଅନୁପାଳନ ହେଉନଥିବା ମନ୍ତ୍ରୀ କହିଛନ୍ତି । ବିଭାଗୀୟ ସଫଳତା ବଖାଣିବାକୁ ଯାଇ ସେ କହିଛନ୍ତି ଯେ ବିଗତ ଚାରିବର୍ଷ ମଧ୍ୟରେ ରାଜ୍ୟର ମୋଟ୍ ୧,୦୭,୮୯୩ ବାସହୀନ ପରିବାରଙ୍କୁ ବାସୋପଯୋଗୀ ଜମି ଯୋଗାଇ ଦିଆଯାଇଛି । ଅବଶିଷ୍ଟ ୨,୮୩୭ ପରିବାରଙ୍କୁ ଆସନ୍ତା ଅଗଷ୍ଟମାସ ଶେଷ ସୁଦ୍ଧା ଜମି ଯୋଗାଇ ଦିଆଯିବ ବୋଲି ସେ କହିଛନ୍ତି । ସେହିପରି ଆଜିଠାରୁ ଆସନ୍ତା ଜୁନ୍ ୧୫ ତାରିଖ ମଧ୍ୟରେ ନୂତନ ସର୍ଭେ ମାଧ୍ୟମରେ ବାସହୀନ ପରିବାରଙ୍କୁ ଚିହ୍ନଟ କରାଯାଇ ବାସୋପଯୋଗୀ ଜମି ପ୍ରଦାନ କରାଯିବା ନେଇ ନିଷ୍ପତ୍ତି ହୋଇଛି ।

ନିକଟରେ ସମବାୟ ବିଭାଗ ପକ୍ଷରୁ ଅନ୍ୟର ଜମି ଚାଷ କରୁଥିବା ବ୍ୟକ୍ତିମାନଙ୍କୁ ଗ୍ରୁପ୍ ଜରିଆରେ ୫୦ ହଜାର ଟଙ୍କା ପର୍ଯ୍ୟନ୍ତ କୃଷିଋଣ ପ୍ରଦାନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଛି । ସ୍ୱୟଂ ସହାୟକ ଗୋଷ୍ଠୀ ଗଠନ କ୍ଷେତ୍ରରେ ଏହା ଏକ ପୁରୁଣା ଆଇନ୍ ହୋଇଥିଲେ ସୁଦ୍ଧା ଚାଷ କ୍ଷେତ୍ରରେ ପ୍ରଥମ ଥର ପାଇଁ ରାଜ୍ୟରେ ଏହା ଲାଗୁ କରାଯିବ ବୋଲି କୁହାଯାଇଛି । ଏଥିପାଇଁ ଆସନ୍ତା ଖରିଫ୍ ଋତୁ ଲାଗି ୨୦୦ କୋଟି ଟଙ୍କାର ଆର୍ଥିକ ବ୍ୟବସ୍ଥା କରାଯାଇଛି । ମାତ୍ର ଯେ ପର୍ଯ୍ୟନ୍ତ ଭାଗଚାଷୀ ଚିହ୍ନଟ ହୋଇନାହାନ୍ତି ସେଯାଏ ଏମାନଙ୍କୁ ଅନ୍ୟ କୌଣସି ସରକାରୀ ସୁବିଧା ସୁଯୋଗ

▶▶ ୭